# ଚାରି ମାସ ନ ଯାଉଣୁ କାହା ସ୍ୱାର୍ଥ ଲାଗି ଅବକାରୀ ନୀତି ବଦଳାଯାଉଛି?

୧୭/୦୮/୨୦୦୪

## ୨ କୋଟି ଟଙ୍କାର କିକ୍‌ବ୍ୟାକ୍ ଅଭିଯୋଗ

**ଆମ ଘରର ହାଲ୍‌ଚାଲ୍**

ସୌମ୍ୟରଂଜନ ପଟ୍ଟନାୟକ

୨୦୦୪-୦୫ ଆର୍ଥିକ ବର୍ଷ ପାଇଁ ୧୩ ଫେବୃଆରୀ ୨୦୦୪ରେ ସରକାର ତାଙ୍କର ଅବକାରୀ ନୀତି ଘୋଷଣା କରିଥିଲେ। ଆମ ଅନୁସନ୍ଧାନରୁ ଆମେ ଜାଣିବାକୁ ପାଇଛୁ ଯେ ସରକାର କାଳେ ଏ ନୀତିରେ ଖୁବ୍ ଶୀଘ୍ର ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଆର୍ଥିକ ବର୍ଷ ୪ ମାସ ନ ପୂରୁଣୁ କେଉଁ କାରଣରୁ ଏବଂ କାହା ସ୍ୱାର୍ଥ ସାଧନ କରିବା ପାଇଁ ଅବକାରୀ ନୀତିର ପରିବର୍ତ୍ତନ ପରିକଳ୍ପନା କରାଯାଉଛି? ପୁଣି ଅଭିଯୋଗ ହେଉଛି ଏଭଳି ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦିଷ୍ଟ ଦୁଇଟି କମ୍ପାନୀ ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ଲାଞ୍ଚ ଦେଇଛନ୍ତି।

ଅବକାରୀ ନୀତି ସବୁବେଳେ ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥାଏ। ଏକ ପକ୍ଷରେ ଏକ ଜନମଙ୍ଗଳକାରୀ ରାଷ୍ଟ୍ର ମଦ୍ୟପାନକୁ ଉତ୍ସାହିତ କରୁଛି ବୋଲି ଧାରଣା ସୃଷ୍ଟି କରିବାକୁ ଚାହେଁ ନାହିଁ ତ ଅନ୍ୟପକ୍ଷରେ ଓଡ଼ିଶା ପରିଏକ ସମ୍ବଳ କାଙ୍ଗାଳ ରାଜ୍ୟରେ ରାଜସ୍ୱ ବୃଦ୍ଧି ପାଇଁ ଅବକାରୀ ବିଭାଗ ଉପରେ ନିର୍ଭର କରିବା ଛଡ଼ା ଅନ୍ୟ ଉପାୟ ନାହିଁ। ତେଣୁ ଅବକାରୀ ନୀତି ସବୁବେଳେ ବିବାଦୀୟ ହୋଇ ଉଠେ। ଗତ ବିଧାନସଭାରେ ଅଧିକ ମଦ ଦୋକାନ ଖୋଲୁଛନ୍ତି ବୋଲି ସରକାର ବିରୋଧୀ ଦଳର ସମାଲୋଚନାର ଶିକାର ହୋଇଥିଲେ। ପୁଣି ଜିଲା ଅବକାରୀ ପ୍ରଶାସନ ଯୋଗୁଁ ଚୋରା ମଦ କାରବାର ବଢୁଛି ଏବଂ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ବୋଲି ଆମ ସମସ୍ତଙ୍କର ଧାରଣା। ଓଡ଼ିଶାରେ ମଦ କାରବାର କରୁଥିବା ସବୁ ଥୋକ ବେପାରୀମାନଙ୍କୁ ଅପସାରିତ କରି ମଦ ନିଗମ ଗଢ଼ାଯାଇଛି। ମଦ ନିଗମର ପୂର୍ବତନ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ପି.ସି. ମିଶ୍ର କୋଟି କୋଟି ଟଙ୍କା ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇ ଜେଲ୍ ମଧ୍ୟ ଯାଇଛନ୍ତି। ଏଭଳି ପରିସ୍ଥିତିରେ ସରକାରଙ୍କର ହଠାତ୍ ଅବକାରୀ ନୀତିରେ ପରିବର୍ତ୍ତନ ଚିନ୍ତା ଆମକୁ ବିସ୍ମିତ ନ କଲେ ମଧ୍ୟ ଯଥେଷ୍ଟ ବିବ୍ରତ କରୁଛି। ଆମର କାହିଁକି ସନ୍ଦେହ ହେଉଛି ନିର୍ଦ୍ଦିଷ୍ଟ କମ୍ପାନୀର ମଦ ବିକ୍ରିକୁ ଉତ୍ସାହିତ କରିବା ପାଇଁ ସରକାର ଲାଞ୍ଚ ନେଇ ଏପରି ପରିବର୍ତ୍ତନ କଥା କଳ୍ପନା କରୁଛନ୍ତି। ଏହି ନିର୍ଦ୍ଦିଷ୍ଟ କମ୍ପାନୀ ଦୁଇଟି ହେଲେ ବିଜୟ ମାଲ୍ୟାଙ୍କ ୟୁନାଇଟେଡ୍ ବ୍ରେଓରିଜ୍‌ର 'ହର୍ବଟ୍‌ସନ୍' ଏବଂ ବିଦେଶୀ ମାଲିକାନାରେ ଥିବା 'ସିଗ୍ରାମ୍' କମ୍ପାନୀ। ହର୍ବଟ୍‌ସନ୍ ବ୍ୟାଗ୍‌ପାଇପର୍ ହ୍ୱିସ୍କି ପ୍ରସ୍ତୁତ କରୁଥିବାବେଳେ ସିଗ୍ରାମ୍ କମ୍ପାନୀ ରୟାଲ୍ ଷ୍ଟାଗ୍ ଏବଂ ଇମ୍ପେରିଆଲ୍ ବ୍ଲୁ ହ୍ୱିସ୍କି ପ୍ରସ୍ତୁତ କରନ୍ତି। ୨୦୦୪ରେ ପ୍ରଚଳିତ ଅବକାରୀ ନୀତିରେ ଭାରତରେ ପ୍ରସ୍ତୁତ ହ୍ୱିସ୍କିମାନଙ୍କ ପାଇଁ ତିନି ପ୍ରକାର ଶୁଳ୍କର ବ୍ୟବସ୍ଥା ଥିଲା। ସାଧାରଣ ହ୍ୱିସ୍କି କ୍ଷେତ୍ରରେ ଶୁଳ୍କ ହାର ୯୦ ଟଙ୍କା ଥିବାବେଳେ ୮୫୦ ଟଙ୍କାରୁ ଅଧିକ ମୂଲ୍ୟରେ କିଣା ହେଉଥିବା ହ୍ୱିସ୍କି କ୍ଷେତ୍ରରେ ୧୨୦ ଟଙ୍କା ହାରରେ ଶୁଳ୍କ ଲାଗୁ କରାଯାଉଥିଲା। ଯେଉଁମାନେ ବିଦେଶରୁ **ପୃଷ୍ଠା ୧୧ ଦେଖନ୍ତୁ**

## ଚାରି ମାସ ନ ଯାଉଣୁ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଇମ୍ପୋର୍ଟେଡ ବେସ୍ ବ୍ୟବହାର କରି ହ୍ୱିସ୍କି ପ୍ରସ୍ତୁତ କରୁଥିଲେ, ସେମାନଙ୍କ କ୍ଷେତ୍ରରେ ୨୦୦ ଟଙ୍କାର ଶୁଳ୍କ ବ୍ୟବସ୍ଥା ରଖାଯାଇଥିଲା। କିନ୍ତୁ ଯେଉଁମାନେ ୨୦ ପ୍ରତିଶତରୁ କମ୍ ଇମ୍ପୋର୍ଟେଡ୍ ବେସ୍ ବ୍ୟବହାର କରୁଥିବେ ସେମାନଙ୍କୁ ୨୦୦ ଟଙ୍କା ହାରରେ ଶୁଳ୍କ ଦେବାକୁ ପଡୁ ନ ଥିଲା। ଏହା ଫଳରେ ଅନେକ କମ୍ପାନୀ ନିଜ ବୋତଲ ଉପରେ ଲଗାଯାଇଥିବା ଲେବୁଲ୍‌ରେ ଇମ୍ପୋର୍ଟେଡ୍ ବେସ୍ ବ୍ୟବହାର କରୁଛନ୍ତି ବୋଲି ବିଜ୍ଞାପନ ଦେଇ ଶୁଳ୍କ ଦେଲାବେଳକୁ ସରକାରୀ ନଥିପତ୍ରରେ ଏହା ଶତକଡ଼ା ୨୦ ଭାଗରୁ କମ୍ ବୋଲି ଦେଖାଉଥିଲେ। ଫଳରେ ଏଣେ ଗ୍ରାହକ ଭାବୁଥିଲା ସେ ବିଦେଶର ଉଚ୍ଚ ମାନର ହ୍ୱିସ୍କି କିଣୁଛି, ତେଣେ କିନ୍ତୁ ସରକାର ରାଜସ୍ୱ ହରାଉଥିଲେ।

ନୀତିର ଏ ପ୍ରକାର ଦୁର୍ବଳତାକୁ ଦୂର କରିବାକୁ ଯାଇ ସରକାର ଏ ବର୍ଷର ଅବକାରୀ ନୀତିରେ ହ୍ୱିସ୍କି ପାଇଁ ୫ ରକମର ଶୁଳ୍କ ବ୍ୟବସ୍ଥା କଲେ। ସାଧାରଣ ଭାରତ ପ୍ରସ୍ତୁତ ହ୍ୱିସ୍କି ପାଇଁ (ଯାହାକୁ ମଦ ନିଗମ ସର୍ବାଧିକ ୬୦୦ ଟଙ୍କାରେ କିଣିବ) ୧୦୦ ଟଙ୍କା ଏବଂ ସର୍ବାଧିକ ୮୫୦ ଟଙ୍କାରେ କିଣାଯାଉଥିବା ହ୍ୱିସ୍କି ପାଇଁ ୧୧୦ ଟଙ୍କା, ସର୍ବାଧିକ ୧୩୦୦ ଟଙ୍କା କିଣାଯାଉଥିବା ହ୍ୱିସ୍କି ପାଇଁ ୧୨୦ ଟଙ୍କା, ୩୫୦୦ ଟଙ୍କାରୁ ଅଧିକ ମୂଲ୍ୟରେ କିଣାଯାଉଥିବା ହ୍ୱିସ୍କି ପାଇଁ ୧୩୦ ଟଙ୍କା ଏବଂ ଇମ୍ପୋର୍ଟେଡ୍ ବେସ୍ ବ୍ୟବହାର କରି ପ୍ରସ୍ତୁତ ହେଉଥିବା ହ୍ୱିସ୍କି ପାଇଁ ୨୦୦ ଟଙ୍କା ଶୁଳ୍କ ରଖାଗଲା। ଏହି ନୂଆ ନୀତି ଫଳରେ ବ୍ୟାଗ୍‌ପାଇପର୍, ରୟାଲ୍ ଷ୍ଟାଗ୍ ଏବଂ ଇମ୍ପେରିଆଲ୍ ବ୍ଲୁ ଆଦି ହ୍ୱିସ୍କିଗୁଡ଼ିକ ପାଇଁ ୨୦୦ ଟଙ୍କା ହାରରେ ଅବକାରୀ ଶୁଳ୍କ ଦେବା ବାଧ୍ୟତାମୂଳକ ହୋଇଗଲା। ଫଳସ୍ୱରୂପ ଏହି ବ୍ରାଣ୍ଡର ହ୍ୱିସ୍କିଗୁଡ଼ିକର ଚାହିଦା ମଧ୍ୟ ବଜାରରେ କମିଗଲା। ଏପ୍ରିଲ୍‌ରୁ ଜୁଲାଇ ୪ ମାସରେ କାରବାର ହୋଇଥିବା ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏମାନେ ପ୍ରାୟ ମାସକୁ ୩୦୦୦୦ କେଶ୍‌ର ବଜାର ହରାଇଛନ୍ତି। ପ୍ରତି କେଶ୍‌ରେ ଯଦି ଅନ୍ୟୂନ ୨୦୦ ଟଙ୍କା ଲାଭ ରଖାଯାଏ ତେବେ ମାସକୁ ୬୦ ଲକ୍ଷ ଟଙ୍କା ହାରରେ ବର୍ଷକୁ ୭ କୋଟିରୁ ଅଧିକ ଟଙ୍କା ଲାଭାଂଶ ହରାଇବାର ସମ୍ଭାବନା ଏହି କମ୍ପାନୀଗୁଡ଼ିକୁ ବିବ୍ରତ କଲା। କମ୍ପାନୀମାନେ ସରକାରଙ୍କୁ ପ୍ରଭାବିତ କରି ତାଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି ଦାବି କରି ଅବକାରୀ ନୀତିର ସରକାରୀ ସ୍ପଷ୍ଟୀକରଣ ମାଧ୍ୟମରେ ଶୁଳ୍କ ହାର ହ୍ରାସ କରିବାପାଇଁ ଉଦ୍ୟମ କଲେ। ମାତ୍ର ମଦ ନିଗମର କର୍ତ୍ତୃପକ୍ଷ ତାଙ୍କ ବ୍ୟାବସାୟିକ ସ୍ୱାର୍ଥ ଦୃଷ୍ଟିରୁ ଏ ସ୍ପଷ୍ଟୀକରଣକୁ ମାନିଲେ ନାହିଁ। ତେଣୁ ଅନୁମାନ କରାଯାଉଛି, ଏହି କମ୍ପାନୀଗୁଡ଼ିକ ଏବେ ମୋଟା ଅଙ୍କରେ ଲାଞ୍ଚ ଦେଇ ସରକାରଙ୍କୁ ନୀତି ପରିବର୍ତ୍ତନ କରିବା ପାଇଁ ବାଧ୍ୟ କରୁଛନ୍ତି। ୭ କୋଟି ଟଙ୍କାର ଲାଭକୁ ବଞ୍ଚାଇବା ପାଇଁ ୨ କୋଟି ଟଙ୍କାର ଲାଞ୍ଚ ମଧ୍ୟ ଏକ ସଫଳ ବ୍ୟାବସାୟିକ ବୁଦ୍ଧି। ନୂଆ ନୀତିରେ କେବଳ ମୂଲ୍ୟକୁ ଆଧାର କରି ଶୁଳ୍କ ଲାଗୁ କରାଯିବ। ଇମ୍ପୋର୍ଟେଡ ବେସ୍ କଥା କେବଳ ଶତକଡ଼ା ୧୦୦ ଭାଗ ବିଦେଶରୁ ଆମଦାନୀ କରାଯାଇଥିବା ହ୍ୱିସ୍କି କ୍ଷେତ୍ରରେ ଲାଗିବ। ସମାଲୋଚନାକୁ ଏଡ଼ାଇବା ପାଇଁ ଚତୁର ଅଫିସରମାନେ ସବୁ ରକମର ହ୍ୱିସ୍କି ଉପରେ ଶୁଳ୍କ ହାରକୁ ୫ ଟଙ୍କାରୁ ୧୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇବା ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ତେବେ ଏଠି ଅନେକଗୁଡ଼ିଏ ପ୍ରଶ୍ନ ଉଠୁଛି। ସରକାରଙ୍କ ନୂଆ ନୀତିରେ ସାମଗ୍ରିକ ଭାବେ ଗତ ୪ ମାସରେ ମଦ ବିକ୍ରି ପରିମାଣ କମିଛି କି? ବିକ୍ରି ହୋଇଥିବା ମଦରୁ ମିଳିଥିବା ରାଜସ୍ୱ ପରିମାଣରେ ହ୍ରାସ ଘଟିଛି କି? ଗୋଟିଏ ନୀତିର କାର୍ଯ୍ୟକାରିତାକୁ ପରଖିବା ପାଇଁ ୧୨ ମାସ ଅପେକ୍ଷା ନ କରି ୪ ମାସ ନ ହେଉଣୁ ନୀତି ବଦଳେଇବା ଉଚିତ କି? ଯଦି ଏ ସବୁ ପ୍ରଶ୍ନର ଉତ୍ତର ହେଲା 'ନା' ତେବେ ମନ୍ତ୍ରୀ ଓ ସଚିବମାନେ ଏହି ନିର୍ଦ୍ଦିଷ୍ଟ କମ୍ପାନୀଗୁଡ଼ିକର ମାର୍କେଟିଂ ଅଫିସର ହେବା ପାଇଁ ଏତେ ବ୍ୟଗ୍ର କାହିଁକି?